# ଭାରତ ଜିତିଲା ୬୬ ପଦକ

## ଗୋଲ୍ଡ କୋଷ୍ଟ: ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପିତ



**ଗୋଲ୍ଡ କୋଷ୍ଟ,୧୫।୪/ଏଜେନ୍ସି :**

ବିଶ୍ୱର ୭୧ଟି ଦେଶଙ୍କୁ ନେଇ ଆୟୋଜିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୧ତମ ସଂସ୍କରଣ ଆଜି ଉଦ୍‌ଯାପିତ ହୋଇଛି। ୨୦୨୨ରେ ପୁଣି ଦେଖା ହେବ ବର୍ମିଂହାମ୍‌ରେ। ସମାରୋହରେ ରାଜ୍ୟଗେଷ୍ଠୀ କ୍ରୀଡ଼ା ମହାସଂଘର ଅଧ୍ୟକ୍ଷ ଲୁଇସ୍ ମାର୍ଟିନ୍ ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ। ସେ ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ନ୍ୟୁଜିଲ୍ୟାଣ୍ଡର ଭାରୋତ୍ତୋଳକ ଡେଭିଡ୍ ଲିଟିଙ୍କୁ ପ୍ରଦାନ କରିଛନ୍ତି। ସମାରୋହରେ ଭାରତର ଧ୍ୱଜାବାହକ ଭାବେ ମହିଳା ବକ୍ସର ଏମ୍‌ସି ମେରୀ କମ୍ ରହିଥିଲେ। ଗତକାଲି ସୁଦ୍ଧା ଭାରତ ୫୯ଟି ପଦକ ଜିତିଥିବା ବେଳେ ଆଜି ଉଦ୍‌ଯାପନୀ ଦିବସରେ ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହ୍ୱାଲଙ୍କ ସ୍ୱର୍ଣ୍ଣ ସମେତ ୭ଟି ପଦକ ଜିତିଥିଲା। ବ୍ୟାଡ୍‌ମିଣ୍ଟନ୍‌ରେ ପିଭି ସିନ୍ଧୁ, କିଦାମ୍ବୀ ଶ୍ରୀକାନ୍ତ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ- ଚିରାଗ ସେଟ୍ଟୀ ଯୋଡ଼ି ରୌପ୍ୟ ପଦକ ଜିତିଥିବା ବେଳେ ଟିଟିରେ ଦୁଇଟି ବ୍ରୋଞ୍ଜ ଏବଂ ସ୍କ୍ୱାସ୍‌ରେ ଦୀପିକା ଓ ଜୋସ୍‌ନା ରୌପ୍ୟ ପଦକ ଜିତିଛନ୍ତି। ଏଥିସହ ଭାରତ ୨୬ଟି ସ୍ୱର୍ଣ୍ଣ, ୨୦ ରୌପ୍ୟ ଏବଂ ୨୦ ବ୍ରୋଞ୍ଜ ସମେତ ସମୁଦାୟ ୬୬ ପଦକ ଜିତି ତାଲିକାର ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଛି।